**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**28 June – 2025**

# ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଆଜି ସକାଳ ୯ଟା ୩୦ ମିନିଟ୍ ସମୟରେ ମହାପ୍ରଭୁଙ୍କ ରଥଟଣା ଅନୁଷ୍ଠିତ ହେବ । ଗତକାଲି ତିନିରଥ ବଡ଼ଦାଣ୍ଡରେ ଅଟକି ରହିଛନ୍ତି । ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ଵଜ ରଥ ବଳଗଣ୍ଡି ଛକରେ ଅଟକି ରହିଥିବା ବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମାର୍କେଟ ଛକରେ ରହିଛନ୍ତି । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗୋଟିଏଥର ଟଣାଯାଇ ସିଂହଦ୍ଵାର ନିକଟରେ ଅଟକି ରହିଛି । ବିଧି ଅନୁଯାୟୀ ଆଜି ତିନିରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିକୁ ନିଆଯିବ । ରଥ ଉପରେ ଚତୁର୍ଦ୍ଧା ବିଗ୍ରହଙ୍କ ସେବା ପୂଜା ଅନୁଷ୍ଠିତ ହେଉଛି । ଏ ସଂପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି :

**V/O**

ଗତକାଲି ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସଂପର୍କିତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷ ହେବା ପରେ ଅପରାହ୍ନ ୪ଟା ୩୦ ମିନିଟ୍‌ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ରଥଯାତ୍ରା ଦେଖିବା ଲାଗି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ହାଇକୋର୍ଟର ମୁଖ୍ୟ ବଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ପୁରୀ ଯାଇଥିଲେ ।

## ରତ୍ନଭଣ୍ଡାର ମରାମତି

ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜିଠାରୁ ପୁଣି ଆରମ୍ଭ ହେବ । ଆଠଦିନ ମଧ୍ୟରେ ମରାମତି କାର୍ଯ୍ୟ ଶେଷ କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି । ମରାମତି ସମୟରେ ପ୍ରାୟ ୯୦ଟି ପଥର ବଦଳାଯାଇ ନୂଆ ପଥର ଖଞ୍ଜାଯିବ । ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିବା ପୂର୍ବରୁ  ମରାମତି କାର୍ଯ୍ୟ ଶେଷ କରିବା ଲାଗି ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଦଳ ଦୈନିକ ୨ଟି ପର୍ଯ୍ୟାୟରେ କାର୍ଯ୍ୟ କରିବେ । ଅନ୍ୟପକ୍ଷରେ ବାହାର ରତ୍ନଭଣ୍ଡାର କବାଟକୁ ବର୍ମାଟିକ୍ କାଠ ବ୍ୟବହାର କରି ସୁନା ଛାଉଣି କରିବାକୁ ଯୋଜନା କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ମଧ୍ୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି ।

## ଜନଶୁଣାଣି

ଆସନ୍ତା ସୋମବାର ୩୦ ତାରିଖ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ ଅଭିଯୋଗ ଶୁଣାଣି କରିବେ ।

ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଭିଯୋଗ ଶୁଣାଣି କରାଯିବ । ଏଥିଲାଗି ଗତକାଲିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି । ସର୍ବାଧିକ ୧ ହଜାର ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ପୋର୍ଟାଲ୍ ଖୋଲା ରହିବ । ଆଗ୍ରହୀ ଜନସାଧାରଣ **janasunani.odisha.gov.in** ପୋର୍ଟାଲରେ କିମ୍ବା ଜନଶୁଣାଣି ମୋବାଇଲ୍ ଆପ୍ ଜରିଆରେ ପଞ୍ଜୀକରଣକ ରିପାରିବେ ।

## ଶବ ବାହନ ସେବା

ରାଜ୍ୟ ସରକାର ଖୁବ୍‌ଶୀଘ୍ର ୧୦୯ ଶବ ବାହନ ସେବା ଆରମ୍ଭ କରିବେ । ୧୦୮ ଆମ୍ବୁଲାନ୍ସ ସେବା ମାର୍ଗଦର୍ଶିକା ଅନୁଯାୟୀ ଏହା ଦେୟମୁକ୍ତ ହେବ । ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଶବ ବାହନ ସେବା ସଂପର୍କରେ ଘୋଷଣା କରିସାରିଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିୟମାବଳୀ ପ୍ରସ୍ତୁତ କରାଯିବ । ଆସନ୍ତା ଜୁଲାଇ ୨ ତାରିଖରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଏହି ବିଷୟରେ ବିସ୍ତୃତ ଆଲୋଚନା ହେବ ବୋଲି କୁହାଯାଇଛି ।

## ଛାତ୍ରଛାତ୍ରୀ- ଜୋତା ମୋଜା

ଚଳିତ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ଅନୁସୂଚିତ ଜାତି ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାଗଣା ଜୋତା ଓ ମୋଜା ଯୋଗାଇ ଦିଆଯିବ । ରାଜ୍ୟ ସରକାରଙ୍କ

ନିଷ୍ପତ୍ତି ଅନୁଯାୟୀ ସଂପୃକ୍ତ ଛାତ୍ରଛାତ୍ରୀମାନଙ୍କୁ ସମଗ୍ର ଶିକ୍ଷା, ପିଏମ୍‌ଶ୍ରୀ ଏବଂ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ଗୋଟିଏ ହଳ ଜୋତା, ଦୁଇହଳ ମୋଜା, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ ଓ ଟି-ସାର୍ଟ, ଗୋଟିଏ ଟୋପି ଓ ପରିଚୟପତ୍ର ପ୍ରଦାନ କରାଯିବ । ଓସେପା ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଏହା ଯୋଗାଇ ଦିଆଯିବ ।

## ବିଏଡ୍ ନାମଲେଖା ରଦ୍ଦ

ରାଜ୍ୟରେ ବିଏଡ୍ ପ୍ରବେଶିକା ପରୀକ୍ଷାରେ ଅନିୟମିତତା ଅଭିଯୋଗ ହେବା ପରେ ନାମଲେଖା ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ବିଷୟରେ ବିଶେଷଜ୍ଞ କମିଟି ଗଠନ କରିବାକୁ ରାଜ୍ୟ ପ୍ରବରଣ ମଣ୍ଡଳୀ- ଏସ୍‌ଏସ୍‌ବି କୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷଜ୍ଞମାନେ ପୁଣିଥରେ ପ୍ରଶ୍ନର ଉତ୍ତର ଯାଞ୍ଚ କରିବା ପରେ ପରିବର୍ତ୍ତିତ ପରୀକ୍ଷାଫଳ ସହ ପୁଣି ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

## ସାଇବର ମାମଲା ତଥ୍ୟ

କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କଠାରୁ ଗତ ୧୦ବର୍ଷ ମଧ୍ୟରେ ସାଇବର ଅପରାଧ ମାମଲା ସଂପର୍କିତ ତଥ୍ୟ ମାଗିଛନ୍ତି । କେନ୍ଦ୍ର ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟର ଟେଲିକମ୍ ବିବାଦ ସମାଧାନ ଓ ଆପିଲେଟ୍ ଟ୍ରିବ୍ୟୁନାଲ୍ ରାଜ୍ୟରେ ପଞ୍ଜୀକୃତ ଓ ସମାଧାନ ହୋଇଥିବା

ସାଇବର ଅପରାଧ ମାମଲା ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ତଥ୍ୟ ମାଗିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ୨୦୨୪ରେ ରାଜ୍ୟରେ ୨ ହଜାର ୫୦୧ଟି ସାଇବର ଅପରାଧ ମାମଲା ପଞ୍ଜୀକୃତ ହୋଇଥିବା ବେଳେ  ସ୍ୱତନ୍ତ୍ର ଭାବେ ଏପର୍ଯ୍ୟନ୍ତ ୧୭ଟି ସାଇବର ଥାନା ପ୍ରତିଷ୍ଠା କରାଯାଇଛି ।

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି ।  ଆଜି ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ୧୧ଟି ଜିଲ୍ଲାରେ ବର୍ଷା ଏବଂ ପବନ ନେଇ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସୂଚନା ଦିଆଯାଇଛି ।